ଧରିତ୍ରୀ
DHARITRI
ରାୟଗଡ଼ା, ରବିବାର, ୧୬ ଫେବୃୟାରୀ, ୨୦୨୦



ଏକମାତ୍ର କୁହୁକ ହେଉଛି କଠିନ ପରିଶ୍ରମ, ଦୂରଦୃଷ୍ଟି, କର୍ତ୍ତବ୍ୟବୋଧ ଓ ଦୃଢ ସଂକଳ୍ପ।
-ଇନ୍ଦିରାଗାନ୍ଧୀ



## ସଂକ୍ଷେପରେ

### ଯୁବକ ସଂଘ ବିକାଶ ବୈଠକ



ଦଶମନ୍ତପୁର,୧୫।୨(ଡି.ଏନ୍.ଏ.): ଦଶମନ୍ତପୁର ବ୍ଲକସ୍ଥିତ ସାଇ କଲ୍ୟାଣୀ ମଣ୍ଡପରେ ଶନିବାର ଯୁବକ ସଂଘ ବିକାଶ ସଂପର୍କିତ ଏକ ସମ୍ମିଳନୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକଟି କୋରାପୁଟ ନେହେରୁ ଯୁବକେନ୍ଦ୍ର ଓ ପରଜା ବେଡ଼ାପଦର ପଞ୍ଚାୟତର ଜିହବା ଯୁବକ ସଂଘର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପରଜା ବେଡ଼ାପଦର ପଞ୍ଚାୟତର ସରପଞ୍ଚ ମିନ ଜାନୀ, ସମ୍ମାନିତ ଅତିଥି ଭାବେ କୋରାପୁଟ ନେହେରୁ ଯୁବକେନ୍ଦ୍ରରୁ କେଦାର ସେନାପତି, ମାନସ ରଞ୍ଜନ ତ୍ରିପାଠୀ, ଅମିତ ତୁରୁକ, ସମରେନ୍ଦ୍ର ସ୍ୱାଇଁ, ସାମାଜିକ କର୍ମୀ ରାଜୀବ ଖୋସଲାଙ୍କ ସମେତ ବ୍ଲକର ୧୦ଟି ଯୁବକ ସଂଘର ପ୍ରାୟ ଶତାଧିକ କର୍ମୀ ଯୋଗ ଦେଇଥିଲେ। ଏଥିରେ ଯୁବକ ସଂଘ ଗଠନ କରାଯିବା ସହ ସଂଘର ବିକାଶ କିପରି ହୋଇପାରିବ, ସଂଘର ଲକ୍ଷ୍ୟ, ଉଦ୍ଦେଶ୍ୟ, ପଞ୍ଜୀକରଣ ପ୍ରକ୍ରିୟା ବିଷୟରେ ଅତିଥିମାନେ ଆଲୋକପାତ କରିଥିଲେ। ଶେଷରେ ସସ୍ମିତା ତୁରୁକ ଧନ୍ୟବାଦ ଦେଇଥିଲେ।

### ଘାଟିରେ ଟିପ୍ପର ଦୁର୍ଘଟଣାଗ୍ରସ୍ତ



ବୈପାରୀଗୁଡ଼ା,୧୫।୨(ଡି.ଏନ୍.ଏ.): ବୈପାରୀଗୁଡ଼ା ବ୍ଲକ ଚିପାକୁର ପଞ୍ଚାୟତ ଅନ୍ତର୍ଗତ ପାଙ୍ଗଣପାଣି ଘାଟିରେ ରାସ୍ତାକାମରେ ନିୟୋଜିତ ଥିବା ଏକ ଟିପ୍ପର (ଓଡି୧୦ ଏଫ୍ ୪୭୧୮) ଶୁକ୍ରବାର ରାତିରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଶନିବାର ସକାଳେ ଦୁର୍ଘଟଣାର ଶିକାର ହୋଇଥିବା ଟିପ୍ପରଟିକୁ ଲୋକେ ଦେଖିଥିଲେ। କିନ୍ତୁ ଗାଡ଼ି ଚାଳକ ଅଥବା କୌଣସି ଲୋକେ ସେଠାରେ ନ ଥିଲେ। ଟିପ୍ପରଟି ଶ୍ରମିକମାନଙ୍କୁ ଘରେ ଛାଡ଼ି ଫେରିବା ବାଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଅନୁମାନ କରାଯାଉଛି। ଏ ନେଇ ରାମଗିରି ଫାଣ୍ଡିରେ କୌଣସି ଅଭିଯୋଗ ହୋଇନାହିଁ।

### ଭିନ୍ନକ୍ଷମ ଶିଶୁଙ୍କୁ ମିଳିବ ହୁଇଲ ଚେୟାର



ଦଶମନ୍ତପୁର,୧୫।୨(ଡି.ଏନ୍.ଏ.): ଦଶମନ୍ତପୁର ବ୍ଲକ ମୁର୍କାର ପଞ୍ଚାୟତ ଗାଦିଖାଲ ଗ୍ରାମର ଜଣେ ଭିନ୍ନକ୍ଷମ ନାବାଳିକା ଭତ୍ତା ଆବେଦନ କରିବାକୁ ଆଶାବାଡ଼ି ସହ ଚାଲିଚାଲି କାର୍ଯ୍ୟାଳୟରେ ପହଞ୍ଚିଛନ୍ତି। ଗାଦିଖାଲର ଗୟାଁ ହୁଇକାଙ୍କ ୧୩ ବର୍ଷୀୟ ଝିଅ ଶଶିର ୧୧ ବର୍ଷ କାଳ ମା' ସୁବ୍ରଙ୍କ କୋଳରେ ଦିନ କଟୁଥିଲା। ମଜୁରି ଖଟି ଗୁଜୁରାଣ ଚଳାଉଥିବା ତାଙ୍କ ପରିବାର ଲୋକେ ଶଶିଙ୍କ ଏଭଳି ଅବସ୍ଥା ନେଇ ଚିନ୍ତାରେ ଥିଲେ। ଜଣେ ସାମାଜିକ କର୍ମୀଙ୍କ ସହଯୋଗରେ ଏନେଇ ତାଙ୍କ ବିଷୟରେ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇଥିଲା। ଏହାକୁ ନେଇ ସାମାଜିକ କର୍ମୀ ଦିବସ କୁମାର ସାହୁ ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍ କରିବା ପରେ ଆର୍‌ବିଏସ୍‌କେ ମ୍ୟାନେଜର ବିଭୁ ରଞ୍ଜନ ମୁଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ଏହାର ସ୍ଥାନୀୟ ୟୁନିଟ ଅଧିକାରୀ ମାନସ ରଞ୍ଜନ ପଣ୍ଡା ଓ ଫାର୍ମାସିଷ୍ଟ ପ୍ରମିଳା ପାଣିଗ୍ରାହୀ ଶଶିଙ୍କ ପାଖକୁ ଯାଇ ସହାୟତାର ହାତ ବଢ଼ାଇଥିଲେ। ତାଙ୍କୁ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଚିକିତ୍ସା କରାଯାଇଥିଲା। ଚାଲିପାରୁ ନ ଥିବା ଭିନ୍ନକ୍ଷମ ଶଶି ଏବେ ଏକ ଆଶାବାଡ଼ି ସାହାଯ୍ୟରେ ନିଜ ଗୋଡ଼ରେ ୫ କିମି ବାଟ ଚାଲି ବ୍ଲକ ସାମାଜିକ ସୁରକ୍ଷା ବିଭାଗ କାର୍ଯ୍ୟାଳୟରେ ପହଞ୍ଚି ନିଜେ ପ୍ରୋଗ୍ରାମ ଆସିଷ୍ଟାଣ୍ଟ ଝରଣା ଖୋସଲାଙ୍କୁ ଭତ୍ତା ପାଇଁ ଆବେଦନ ପତ୍ର ଦେଇଥିଲେ। ୭୦ ପ୍ରତିଶତ ଭିନ୍ନକ୍ଷମ ପ୍ରମାଣପତ୍ର ଆସିବା କ୍ଷଣି ଶଶିଙ୍କୁ ହୁଇଲ ଚେୟାର ଦିଆଯିବ ବୋଲି ଖୋସଲା କହିଛନ୍ତି।

# ସୀମାନ୍ତ ଗାଁରେ ଜଙ୍ଗଲ ଜମିପଟ୍ଟା ବାଣ୍ଟିଲା ଆନ୍ଧ୍ର

## କିଛିଦିନର ନୀରବତା ପରେ ପୁଣି ଅନୁପ୍ରବେଶ

ପଟ୍ଟାଙ୍ଗି,୧୫।୨(ଡି.ଏନ୍.ଏ.)



ଜଙ୍ଗଲ ଜମି ପଟ୍ଟା ପାଇଥିବା ବାସିନ୍ଦା।

ଅନେକ ଦିନର ନିରବତା ପରେ ପୁଣି କୋଟିଆ ପଞ୍ଚାୟତ ଅଧୀନ ଆରକୁବାଲସା ଗାଁରେ ପହଞ୍ଚି ସେଠାକାର ୧୯ଟି ପରିବାରକୁ ଜଙ୍ଗଲ ଜମିପଟ୍ଟା ପ୍ରଦାନ କରିଛି। ପୂର୍ବରୁ ମଧ୍ୟ ଆନ୍ଧ୍ର ସରକାର ଏହି ଗ୍ରାମର ବାସିନ୍ଦାଙ୍କୁ ପାନୀୟ ଜଳଠାରୁ ଆରମ୍ଭ କରି ମାଗଣାରେ ବିଦ୍ୟୁତ ସେବା ଯୋଗାଇ ନିଜ ଆଡ଼କୁ ନେବାକୁ ଉଦ୍ୟମ ଚଳାଇ ଆସିଛନ୍ତି।

ଉକ୍ତ ଗ୍ରାମ ନିଜ ରାଜ୍ୟର କୁରୁକୁଟି ପଞ୍ଚାୟତ ଅଧୀନରେ ଯାଉଥିବା ଆନ୍ଧ୍ର ଦର୍ଶାଉଛି। ସେହି ଗ୍ରାମରେ ୨୦ରୁ ୨୫ ପରିବାର ବସବାସ କରୁଛନ୍ତି। ସେମାନଙ୍କୁ ଓଡ଼ିଶା ସରକାର ତଥା ପଟ୍ଟାଙ୍ଗି ବ୍ଲକ ପ୍ରଶାସନ ପକ୍ଷରୁ ପ୍ରଧାନମନ୍ତ୍ରୀ ଆବାସଠାରୁ ଆରମ୍ଭ କରି ସଦର ମଣ୍ଡପ କାର୍ଯ୍ୟ କରାଯାଇଛି। କିନ୍ତୁ ଗ୍ରାମର ଗେମେଲ ଭାସ୍କର ରାଓ, ଗେମେଲ ଚିରଞ୍ଜୀବ, ଖରା ସବାନା, ଗେମେଲ ରାଜୁ, ଗେମେଲ ଲାଛନା, ଖରା ହାରସଙ୍କ ସମେତ ଅନ୍ୟମାନଙ୍କୁ ଆନ୍ଧ୍ର ସରକାର ଜଙ୍ଗଲ ଜମିପଟ୍ଟା ଯୋଗାଇ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ଏହିପରି ଜଙ୍ଗଲ ଜମିପଟ୍ଟା ନେରଡବାଲସା ଓ ଆରକୁବାଲସା ଗ୍ରାମରେ ଭୂମିହୀନ ପରିବାରବର୍ଗଙ୍କୁ ଚିହ୍ନଟ ଉକ୍ତ ପଟ୍ଟା ଆନ୍ଧ୍ର ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଛି। ଏନେଇ କୋଟିଆ ପଞ୍ଚାୟତର ନୋଡ଼ାଲ ଅଧିକାରୀ ତଥା ଉପଜିଲାପାଳ ଲଳିତ କୁମାର କହଁରଙ୍କୁ ଯୋଗାଯୋଗ କରାଯିବାରୁ ସେ କହିଥିଲେ, ତହସିଲଦାରଙ୍କୁ ଏ ବାବଦରେ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦିଆଯିବ।



ବ୍ଲକ ଶିକ୍ଷକ ସଂଘର କର୍ମକର୍ତ୍ତା।

# ଦେବୀପ୍ରସାଦ ସଭାପତି, ମହେଶ୍ୱର ସମ୍ପାଦକ

## ■ ବ୍ଲକ ଶିକ୍ଷକ ସଂଘ ନିର୍ବାଚନ

ଜୟପୁର,୧୫।୨(ଡି.ଏନ୍.ଏ./ନି.ପ୍ର.)

କୋରାପୁଟ ଜିଲା ଜୟପୁର ବ୍ଲକ ଓ ପୌରାଞ୍ଚଳକୁ ନେଇ ଗଠିତ ଶିକ୍ଷକ ସଂଘର ନିର୍ବାଚନ ଶନିବାର ସ୍ଥାନୀୟ ବାବା ସାହେବ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଛି। ଏଥିରେ ସଭାପତି ଭାବେ ଦେବୀ ପ୍ରସାଦ ଦାଶ, ସଂପାଦକ ଭାବେ ମହେଶ୍ୱର ମିଶ୍ର, ଉପସଭାପତି ଜ୍ୟୋତି ଶଙ୍କର ତ୍ରିପାଠୀ ବିଜୟୀ ହୋଇଛନ୍ତି। ସେହିପରି ଅନ୍ୟତମ ଉପସଭାପତି ମାଧୁରୀ ପଣ୍ଡା, ସହ ସଂପାଦକ ଭାଗିରଥି ବାରିକ, ହେମନ୍ତ ଚାନ୍ଦ, ସାଗର ତ୍ରିପାଠୀ, ସଂଯୋଜକ ଈଶ୍ୱର ନାୟକ, ସଙ୍ଗଠନ ସମ୍ପାଦକ ଭାବେ ସଦାନନ୍ଦ ସାମନ୍ତରାୟ, ରାମଚନ୍ଦ୍ର ପରାଜ, ମନୋରଞ୍ଜନ ପଲାଇ ବିନା ପ୍ରତିଦ୍ୱନ୍ଦ୍ୱିତାରେ ବିଜୟୀ ହୋଇଥିଲେ। ଅପରାହ୍ନରେ ସମସ୍ତ ନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ପାଠ କରାଯାଇଥିଲା। ଏହି ଅବସରରେ କାର୍ଯ୍ୟକାରୀ ସଦସ୍ୟ ହରିଶ୍ଚନ୍ଦ୍ର ରାଓ, ଉପେନ୍ଦ୍ର ରଥ, ଗଣେଶ୍ୱର ମିଶ୍ର, ସ୍ୱାଧୀନ ସାହା, ପ୍ରଫୁଲ୍ଲ ପାଢ଼ୀଙ୍କ ତତ୍ତ୍ୱାବଧାନରେ ଏହି ନିର୍ବାଚନ ଆୟୋଜିତ ହୋଇଥିଲା। ଏଥିରେ ରାଜ୍ୟ ସଂଘର ଆଞ୍ଚଳିକ ସଂପାଦକ ସୁରେନ୍ଦ୍ର କୁଲଦିପ, ଜିଲା ସଂପାଦକ ରାଜେନ୍ଦ୍ର ସାହୁ, ଦଶମନ୍ତପୁର ବ୍ଲକର ଚିତ୍ତରଞ୍ଜନ ରଥ, ସେମିଳିଗୁଡ଼ା ବ୍ଲକର ଗଜନୀ ଶ୍ରୀବାସ୍ତବ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିଲେ।

# କୁମୁଲିପୁଟରେ ସମ୍ପର୍କ ଶିବିର





ସମ୍ପର୍କ ଶିବିରରେ ମଞ୍ଚାସୀନ ଅତିଥି।

ଜୟପୁର,୧୫।୨(ନି.ପ୍ର.)

ଜୟପୁର ବ୍ଲକ ଅନ୍ତର୍ଗତ କୁମୁଲିପୁଟ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପାର୍ଶ୍ୱରେ ମୋ' ସରକାର ଅଧୀନରେ ଚାଲିଥିବା ସମ୍ପର୍କ ଶିବିର ଅନୁଷ୍ଠିତ ହୋଇଛି। ଜୟପୁର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଦ୍ୱାରା ଏହି ଶିବିର ହୋଇଥିଲା। ଆଦିବାସୀଙ୍କୁ ସମ୍ପର୍କ ଶିବିର ଦ୍ୱାରା ବିଭିନ୍ନ ଜନକଲ୍ୟାଣ ସରକାରୀ କାର୍ଯ୍ୟକ୍ରମ ଉପରେ ସଚେତନ କରିବା ମୁଖ୍ୟ ଉଦ୍ଦେଶ୍ୟ। ଉନ୍ନୟନ ସଂସ୍ଥା ଦ୍ୱାରା ବିଭିନ୍ନ ସୁବିଧା ସୁଯୋଗ ସହ ସମସ୍ତ ବିଭାଗର ଷ୍ଟଲ ଖୋଲାଯାଇ ଏକ ପ୍ଲାଟଫର୍ମ ଦିଆଯାଇଥିଲା। ସେଠାରେ ଆଦିବାସୀମାନେ ଉପସ୍ଥିତ ରହି ନିଜ ଅଧିକାର, ସୁବିଧା ଅସୁବିଧା ମତବ୍ୟକ୍ତ କରିଥିଲେ। ଶିବିରରେ ୮ଟି ଷ୍ଟଲ କରାଯାଇ ଶିକ୍ଷା, ଉଦ୍ୟାନ, ପଶୁ ସମ୍ପଦ, ଆଇସିଡିଏସ୍ ଷ୍ଟଲ କରାଯାଇ ସଚେତନ କରାଯାଇଥିଲା। ଏଥିରେ ଆଇଟିଡିଏ ପିଏ ଗୋପୀନାଥ ସାରକା, ବ୍ଲକ ଅଧ୍ୟକ୍ଷା ସୁକାନ୍ତି ବାଗଦେରିଆ, ଉପାଧ୍ୟକ୍ଷ ଈଶ୍ୱର ବାଘ, ଜିଲା ପରିଷଦ ସଭ୍ୟ ବିନ୍ଦୁରାଣୀ ମିଶ୍ର, ମନଧର ଗାଦବା, ସିଡିପିଓ ପ୍ରଭାତିରାଣୀ ତ୍ରିପାଠୀ, ଜୟପୁର ତହସିଲଦାର ମାତାରାମ ଲେୟାଙ୍ଗି ଉପସ୍ଥିତ ଥିଲେ।

### ଟ୍ରକ୍ ଧକ୍କାରେ ବାଇକ୍ ଚାଳକ ମୃତ

ଜୟପୁର,୧୫।୨(ଡି.ଏନ୍.ଏ.)

ଜୟପୁର ସଦର ଥାନା ୩୨୬ ନମ୍ବର ଜାତୀୟ ରାଜପଥ ପାତ୍ରପୁଟ ଗ୍ରାମ ନିକଟରେ ଶନିବାର ଏକ ଟ୍ରକ୍ ବାଇକକୁ ଧକ୍କା ଦେବାରୁ ତାହାର ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବୈପାରିଗୁଡ଼ା ଥାନା ଦଶମନ୍ତପୁର ଗ୍ରାମର କାଶୀନାଥ ପାମିଆ (୨୧)। କାଶୀନାଥ ଗତ ଶୁକ୍ରବାର ରାତି ୯ଟାରେ ଗାଁରେ ଭୋଜି ପାଇଁ ଜୟପୁର ବଜାରରୁ ମାଛ ନେଇ ବାଇକ (ଓଡି୦୮ ଡି ୭୦୮୨)ରେ ଫେରୁଥିବା ଏକ ଟ୍ରକ୍ (ଓଡି୧୪ ଏସ୍ ୭୩୩୪) ତାଙ୍କୁ ସାମ୍ନାପଟୁ ଧକ୍କା ଦେଇଥିଲା। ଏନେଇ ଘଟଣାସ୍ଥଳରେ ସାମାନ୍ୟ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଗ୍ରାମବାସୀ, ପୋଲିସ ଓ ଅଗ୍ନିଶମ ବାହିନୀ ଗୁରୁତରଙ୍କୁ ଉଦ୍ଧାର କରି ଜୟପୁର ଜିଲା ଚିକିତ୍ସାଳୟକୁ ନେଇଥିଲେ। ଗୁରୁତର ଅବସ୍ଥାରେ ସେଠାରୁ ତାଙ୍କୁ କୋରାପୁଟ ମେଡିକାଲ କଲେଜ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଅପରାହ୍ନରେ ତାଙ୍କର ମୃତ୍ୟୁ ହୋଇଛି।

## ■ ଲାଞ୍ଚୁଆ ଡାକ୍ତରଙ୍କୁ ମୋ' ସରକାର ଛାଟ

# ଜାମିନ ମିଳିଲାନି, ଜେଲ ଗଲେ

ଜୟପୁର,୧୫।୨(ଡି.ଏନ୍.ଏ.)

ମୋ ସରକାର ଛାଟରେ ପ୍ରଥମେ ପୋଲିସ ଏସ୍‌ଆଇଙ୍କ ପରେ ଏବେ ଡାକ୍ତରଙ୍କ ପାଳି ପଡ଼ିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ଲାଞ୍ଚ ନେବା ଅଭିଯୋଗରେ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜର ଡାକ୍ତରଙ୍କୁ ଜୟପୁର ସଦରଥାନା ପୋଲିସ ଶୁକ୍ରବାର ରାତିରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଶନିବାର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଅଭିଯୁକ୍ତ ଡାକ୍ତର ମନୋଜ ଜେନାଙ୍କ ଜାମିନ ଆବେଦନ ହୋଇଥିଲା। କିନ୍ତୁ ଅପରାହ୍ନରେ ଜଜ୍ ଶ୍ରୀକାନ୍ତ ମିଶ୍ର ଏହାର ଶୁଣାଣି କରି ଆବେଦନ ଖାରଜ କରିଛନ୍ତି। ଫଳରେ ଅଭିଯୁକ୍ତ ଡାକ୍ତରଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ଗତ ଡିସେମ୍ବର ୨୪ରେ ସ୍ଥାନୀୟ ଆମ୍ବାଗୁଡ଼ାରେ ବାଇକ ଦୁର୍ଘଟଣାରେ ଗୁରୁତର ଥିବା ଜଣେ ଚାଳକଙ୍କ କୋରାପୁଟ ମେଡିକାଲରେ ମୃତ୍ୟୁ ହୋଇଥିଲା। ଏହି ମାମଲାରେ ଜବତ ବାଇକକୁ ଥାନାରୁ ଛାଡ଼ିବା ପାଇଁ ତଦନ୍ତକାରୀ ଅଧିକାରୀ ତଥା ଆମ୍ବାଗୁଡ଼ା ଫାଣ୍ଡି ଏସ୍‌ଆଇ ନାରାୟଣ ପଟ୍ଟନାୟକ ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ସେହିପରି ମୃତଦେହ ବ୍ୟବଚ୍ଛେଦ ପାଇଁ ଅଭିଯୁକ୍ତ ଡାକ୍ତର ଜେନା ୩ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଅଭିଯୋଗକାରୀ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଟୁଇଟ୍ କରିବା ପରେ 'ମୋ ସରକାର' ପକ୍ଷରୁ କୋରାପୁଟ ଏସ୍‌ପିଙ୍କୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା।

# ନିର୍ବାଚନମଣ୍ଡଳୀ ପାଇଁ ଚୂଡ଼ାନ୍ତ ଭୋଟର ତାଲିକା



ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରାଯାଉଛି।

ଜୟପୁର,୧୫।୨(ନି.ପ୍ର./ଡି.ଏନ୍.ଏ.)

ଜୟପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଜୟପୁର ଓ କୋଟପାଡ଼ ନିର୍ବାଚନ ମଣ୍ଡଳୀର ୨୦୨୦ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି। ଉପଜିଲାପାଳ ଲୋକନାଥ ଦଳବେହେରା ଏହି ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରିଛନ୍ତି। ୧ ଜାନୁଆରୀ ୨୦୨୦ ସୁଦ୍ଧା ଯେଉଁମାନଙ୍କୁ ୧୮ ବର୍ଷ ବୟସ ହୋଇଛି, ସେମାନଙ୍କ ନାମ ମଧ୍ୟ ଏହି ଭୋଟର ତାଲିକାରେ ଯୋଗ କରାଯାଇଛି। ଯେଉଁମାନଙ୍କର ମୃତ୍ୟୁ ହୋଇଯାଇଛି କିମ୍ବା ନାମ ଡବଲ ହୋଇଛି, ତାଲିକାରୁ ସେମାନଙ୍କ ନାମକୁ ବାଦ୍ ଦିଆଯାଇଛି। କୋଟପାଡ଼ ନିର୍ବାଚନ ମଣ୍ଡଳୀରେ ୧,୯୬,୦୯୫ ଜଣ ଭୋଟର ଥିବାବେଳେ ଜୟପୁରରେ ୨,୦୩,୦୬୬ ଜଣ ଭୋଟର ରହିଛନ୍ତି। ଶନିବାର ପ୍ରତ୍ୟେକ ମତଦାନ କେନ୍ଦ୍ର, ବ୍ଲକ ଅଫିସ, ଉପଜିଲାପାଳ ଓ ଜିଲାପାଳଙ୍କ କାର୍ଯ୍ୟାଳୟରେ ଏହି ତାଲିକା ଉପଲବ୍ଧ ହୋଇଛି। ସହକାରୀ ଜିଲାପାଳ ରାଜେନ୍ଦ୍ର ଖରା, ସ୍ନିଗ୍ଧାରାଣୀ ପଲେଇ, ଜ୍ୟୋତିରାଣୀ ରଥ, କମଳକାନ୍ତ ରଥ, ମୁରଲି ପ୍ରସାଦ ମହାପାତ୍ରଙ୍କ ସମେତ ରାଜନୈତିକ ଦଳର ସଦସ୍ୟମାନେ ଉପସ୍ଥିତ ଥିଲେ।

### କ୍ୟାଣ୍ଡେଲ ଶୋଭାଯାତ୍ରା

କୋଲାବନଗର,୧୫।୨(ଡି.ଏନ୍.ଏ.)

କୋରାପୁଟ ସଦର ଅନ୍ତର୍ଗତ କୋଲାବନଗର ଯୁବଗୋଷ୍ଠୀ ଆନୁକୂଲ୍ୟରେ ପୁଲୱାମା ଶହୀଦମାନଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଛି। ସେମାନଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ଏକ ବିଶାଳ କ୍ୟାଣ୍ଡେଲ ଶୋଭାଯାତ୍ରା ଉଦୀୟମାନ ଯୁବକ ରାହୁଲ ପାଙ୍ଗିଙ୍କ ତତ୍ତ୍ୱାବଧାନରେ କରାଯାଇଛି। ୫୦୦ରୁ ଉର୍ଦ୍ଧ୍ୱ ଯୁବକ ହାତରେ କ୍ୟାଣ୍ଡେଲ ଧରି ପୁଲୱାମା ଶହୀଦ ଅମର ରହେ ନାରା ଦେଇ ସ୍ଥାନୀୟ ଜଗନ୍ନାଥ ମନ୍ଦିରଠାରୁ ଆରମ୍ଭ କରି କୋଲାବନଗର ବନାଞ୍ଚଳ, ଉଡ଼ାପର, ଚନ୍ଦ୍ର ମଣ୍ଡଳ, ଭୂତ ନଗର ଥାନା କଲୋନୀ ପଦଯାତ୍ରା କରି ପୁନରାୟ ଜଗନ୍ନାଥ ମନ୍ଦିର ନିକଟରେ ପହଞ୍ଚିଥିଲେ। ସେଠାରେ ଏକ ସାଧାରଣ ସଭାରେ ଶହୀଦ ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ମହେଶ ବାରିକ, ଉଲାବାବୁ, ବିଶ୍ୱନାଥ ସ୍ୱାଇଁ, ସୁରେଶ ଚନ୍ଦ୍ର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରାଜସ୍ଥାନରେ ଚମକିଲେ ଲୋକକଳା ଗ୍ରାମର ଶିଶୁ

ଲକ୍ଷ୍ମୀପୁର,୧୫।୨(ଡି.ଏନ୍.ଏ.)

ଲକ୍ଷ୍ମୀପୁର ବ୍ଲକ ଗୌଡ଼ଗୁଡ଼ା ପଞ୍ଚାୟତ ଖଜୁରୀପୁଟ ଲୋକକଳା ଗ୍ରାମର ଶିଶୁ କଳାକାର ସୁରେଶ ସାଉନ୍ତା ଜାତୀୟସ୍ତରୀୟ ଏକକ ନୃତ୍ୟରେ ତୃତୀୟ ସ୍ଥାନ ଅଧିକାରୀ କରିଛନ୍ତି। ସେ ସେମିଳିଗୁଡ଼ା ବ୍ଲକ ପୁଙ୍ଗାରସ୍ଥିତ ଏକଲବ୍ୟ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ପଢୁଛନ୍ତି। ତାଙ୍କ ବାପା ଜଗନ୍ନାଥ ସାଉନ୍ତା ଓଡ଼ିଶା ପୋଲିସରେ କାର୍ଯ୍ୟରତ ଥିବାବେଳେ ମା' ବାଙ୍ଗରୀ ସାଉନ୍ତା ଗୃହିଣୀ। ଚଳିତ ବର୍ଷ ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ, ରାଜ୍ୟସ୍ତରୀୟ ଏକଲବ୍ୟ ବିଦ୍ୟାଳୟ ସଂସ୍କୃତିକ ସମାରୋହରେ ପ୍ରଥମ ହୋଇ ସେ ଜାତୀୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିଲେ। ରାଜସ୍ଥାନର ଉଦୟପୁରରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଦେଶିଆ ନାଟକ ପରିବେଷଣ କରି ସେ ତୃତୀୟ ହେବା ସହ ୩୦ ହଜାର ଟଙ୍କାର ପୁରସ୍କାର ରାଶି ଓ ମାନପତ୍ର ପାଇଛନ୍ତି।

# କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ସୁନାବେଡ଼ା,୧୫।୨

ସୁନାବେଡ଼ାସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଶନିବାର ଦୁଇଦିନିଆ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଛି। ଏଥିରେ କୁଳପତି ପ୍ରଫେସର ଆଇ. ବ୍ରହ୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ କରିବା ସହ ବାର୍ଷିକ କ୍ରୀଡ଼ା ଉତ୍ସବର ଉଦ୍‌ଘାଟନ କରିଥିଲେ। ଏଥିରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କ୍ରିକେଟ, ଫୁଟବଲ, ଭଲିବଲ, ବ୍ୟାଡ଼ମିଣ୍ଟନ, ହକି, ୧୦୦ ମିଟରରୁ ୪୦୦ ମିଟର ଦୌଡ଼, ସଟ୍‌ପୁଟ ଭଳି ପ୍ରତିଯୋଗିତା ହୋଇଥିଲା। ଏଥିରେ ପ୍ରଫେସର ଅସିତ କୁମାର ଦାଶ, ପିଆରଓ ଡ. ଫଗୁନାଥ ଭୋଇ ଉପସ୍ଥିତ ଥିଲେ।



ବାର୍ଷିକ କ୍ରୀଡ଼ାରେ ଖେଳାଳିଙ୍କ ସହ ହାତ ମିଳାଉଛନ୍ତି ଅତିଥି।

# ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ବାର୍ଷିକ ଉତ୍ସବ

କୋଲାବନଗର,୧୫।୨(ଡି.ଏନ୍.ଏ.)





ବାର୍ଷିକ ଉତ୍ସବରେ ଶିଶୁମାନେ ନୃତ୍ୟ ପରିବେଷଣ କରୁଛନ୍ତି।

କୋରାପୁଟ ସଦର ବ୍ଲକ ଅନ୍ତର୍ଗତ କୋଲାବନଗରସ୍ଥିତ ଶ୍ରୀମା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୩୮ତମ ବାର୍ଷିକ ଉତ୍ସବ କେନ୍ଦ୍ର ପରିସର ମଧ୍ୟରେ ପାଳିତ ହୋଇଯାଇଛି। ଅତିଥିମାନଙ୍କ ଅଭିଭାଷଣ ପରେ ରାତି ୭ଟା୩୦ରେ କୁନି କୁନି ପିଲାମାନଙ୍କ ନୃତ୍ୟଗୀତର ଆସର ଜମିଥିଲା। କେନ୍ଦ୍ରର ଅପାମାନଙ୍କ ଦ୍ୱାରା ୧୭ଟି ଶିକ୍ଷଣୀୟ ତଥା ସମୟ ଉପଯୋଗୀ ଏପିସୋଡ ପରିବେଷଣ କରାଯାଇଥିଲା। ସେଥିମଧ୍ୟରୁ ସ୍ୱଚ୍ଛଭାରତ ଅଭିଯାନ ଏପିସୋଡଟି ଦର୍ଶକଙ୍କୁ ଅଭିଭୂତ କରିଦେଇଥିଲା। ପାଗେଳି ଭୂମିକାରେ ଅଭିନୟ କରିଥିବା କମଳିନୀ ଅପାଙ୍କ ଅଭିନୟ ଦର୍ଶକଙ୍କୁ ବହୁ ଆନନ୍ଦ ଦେଇଥିଲା। ସ୍ୱଳ୍ପ ସମୟ ମଧ୍ୟରେ ମଞ୍ଚସ୍ଥ ସମସ୍ତ ନୃତ୍ୟଗୀତ ଦର୍ଶକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇଥିଲା। ଶତାଧିକ ଦର୍ଶକଙ୍କ ସମାଗମକୁ ଆଖିରେ ରଖି ସ୍ଥାନୀୟ ଫାଣ୍ଡି ଅଧିକାରୀ ଅର୍ଜୁନ ବାଙ୍କିଆ ଶୃଙ୍ଖଳା ବ୍ୟବସ୍ଥା କରିଥିଲେ। ଶେଷରେ ଅତିଥିମାନେ କ୍ରୀଡ଼ାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ ଓ ପୁରସ୍କାର ବଣ୍ଟନ କରିଥିଲେ। ଶେଷରେ ଏକ ଭୋଜି ସ୍ଥାନୀୟ କପିଳେଶ୍ୱର ମନ୍ଦିରରେ ଅତିଥି ଓ ଛାତ୍ରୀଛାତ୍ରଙ୍କୁ ଦିଆଯାଇଥିଲା। ଶିକ୍ଷାକେନ୍ଦ୍ରର ପ୍ରିନ୍ସପାଲ ଦିବାକର ଭାଇ ଧନ୍ୟବାଦ ଦେଇଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ରବିବାର, ଫେବୃୟାରୀ ୧୬/୨୦୨୦ Rayagada, Sunday, February 16 / 2020

# ୬ କେନ୍ଦ୍ରରେ ମାଟ୍ରିକ ପରୀକ୍ଷା ଦେବେ ୮୬୨ ପରୀକ୍ଷାର୍ଥୀ

## ନୋଡାଲ କେନ୍ଦ୍ରରେ ପହଞ୍ଚିଲା ପ୍ରଶ୍ନପତ୍ର

**ଚନ୍ଦାହାଣ୍ଡି,୧୫।୨(ଡି.ଏନ.ଏ.)**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ସରକାରୀ ପାନାବେଡା ଉଚ୍ଚ ବିଦ୍ୟାଳୟ ନୋଡାଲ କେନ୍ଦ୍ରକୁ ତିନୋଟି ବିଷୟର ମାଟ୍ରିକ ପ୍ରଶ୍ନପତ୍ର ପହଞ୍ଚିଛି । ନୋଡାଲ କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ତଥା ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଏବଂ ପୋଲିସ ଉପସ୍ଥିତିରେ ପ୍ରଶ୍ନପତ୍ରକୁ ଷ୍ଟ୍ରଙ୍ଗରୁମରେ ରଖାଯାଇଛି । ପ୍ରଶ୍ନପତ୍ର ସୁରକ୍ଷା ପାଇଁ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଚଳିତବର୍ଷ ମାଟ୍ରିକ ପରୀକ୍ଷା ନିମନ୍ତେ ଚନ୍ଦାହାଣ୍ଡି ନୋଡାଲ କେନ୍ଦ୍ରକୁ ୬ଟି ପରୀକ୍ଷା କେନ୍ଦ୍ର ପାଇଁ ପ୍ରଶ୍ନପତ୍ର ଆସିଛି । ଏହି ପରୀକ୍ଷା କେନ୍ଦ୍ରଗୁଡିକ ହେଲା ସରକାରୀ ନୂତନ ପାନାବେଡା ଉଚ୍ଚ ବିଦ୍ୟାଳୟ, ଚନ୍ଦାହାଣ୍ଡି, ଉନ୍ନୀତ ଉଚ୍ଚ ବିଦ୍ୟାଳୟ କୋଇଲିମୁଣ୍ଡା, ଉନ୍ନିତ ଉଚ୍ଚ ବିଦ୍ୟାଳୟ ସରଧାପୁର, ଏସଏସଡି ଉଚ୍ଚ ବିଦ୍ୟାଳୟ ଧୋଡିପାଣି, କନ୍ୟାଶ୍ରମ ଦଳବେଡା, ଖମେଶ୍ୱରୀ ଉଚ୍ଚ ବିଦ୍ୟାଳୟ ଖଇରଭାଡି । ଏହି ୬ଟି ବିଦ୍ୟାଳୟର ପରୀକ୍ଷା କେନ୍ଦ୍ରରେ ଯାଦବ ମାଝି ବାଳିକା ବିଦ୍ୟାଳୟ ମୋହରା, ଉନ୍ନିତ ଉଚ୍ଚ ବିଦ୍ୟାଳୟ ପୁଜାରୀଗୁଡା, ଉନ୍ନିତ ଉଚ୍ଚ ବିଦ୍ୟାଳୟ କୋଇଲିମୁଣ୍ଡା, ବନଦୁର୍ଗା ଉଚ୍ଚ ବିଦ୍ୟାଳୟ ଜମାଦାରପଡା, ପେଣ୍ଡ୍ରାଣୀ ଉଚ୍ଚ ବିଦ୍ୟାଳୟ ଅନକାବେଡା, ସରକାରୀ ନୂତନ ପାନାବେଡା ଉଚ୍ଚ ବିଦ୍ୟାଳୟ ଚନ୍ଦାହାଣ୍ଡି, ଉନ୍ନିତ ଉଚ୍ଚ ବିଦ୍ୟାଳୟ ସରଧାପୁର, ଉନ୍ନିତ ଉଚ୍ଚ ବିଦ୍ୟାଳୟ ଦଳବେଡା, କନ୍ୟାଶ୍ରମ ଦଳବେଡା, ଏସଏସଡି ଉଚ୍ଚ ବିଦ୍ୟାଳୟ ଧୋଡିପାଣି, ଉନ୍ନିତ ଉଚ୍ଚ ବିଦ୍ୟାଳୟ ମାଲଗାଁ, ଉନ୍ନିତ ଉଚ୍ଚ ବିଦ୍ୟାଳୟ ସରଧାପୁର, ଗମେଶ୍ୱରୀ ହାଇସ୍କୁଲ ଖଇରଭାଡି,ପାଟେନ ଉଚ୍ଚ ବିଦ୍ୟାଳୟ ପାଟଖଲିଆ, ଉନ୍ନିତ ଉଚ୍ଚ ବିଦ୍ୟାଳୟ ଚଉଣ୍ଡିଆ, ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ଗମ୍ଭାରୀଗୁଡା, ଉନ୍ନିତ ଉଚ୍ଚ ବିଦ୍ୟାଳୟ କୁହୁଡି ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ନୋଡାଲ ସୁପରିଣ୍ଟେଣ୍ଡେଣ୍ଟ ଭାବେ ଶରତ ମାଝି, ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଭାବେ ପ୍ରକାଶ ପ୍ରଧାନ, ପ୍ରଶ୍ନପତ୍ର ପହଞ୍ଚାଇବା ପାଇଁ ରଞ୍ଜନ ନାୟକ, ମଧୁ ମେହେର, ସୁରେଶ କୁମାର ସାହୁ, ଲକ୍ଷ୍ମୀଧର ନାୟକଙ୍କ ପ୍ରଶାସନ ଦାୟିତ୍ୱ ଦେଇଛି। ଚଳିତବର୍ଷ କପି ରୋକିବା ଓ ପରୀକ୍ଷା ସୁପରିଚାଳନା ପାଇଁ କେନ୍ଦ୍ରୀୟ ବୋର୍ଡ, ଜିଲା ପ୍ରଶାସନ ଓ ଶିକ୍ଷା ବିଭାଗର ତ୍ରିସ୍ତରୀୟ ସ୍କ୍ୱାଡ ବ୍ୟବସ୍ଥା କରାଯାଇଥିବା ଜଣାପଡିଛି। ୬ଟି ପରୀକ୍ଷା କେନ୍ଦ୍ର ମଧ୍ୟରୁ ଉନ୍ନୀତ ଉଚ୍ଚ ବିଦ୍ୟାଳୟ କୋଇଲିମୁଣ୍ଡା, ଏସଏସଡି ଉଚ୍ଚ ବିଦ୍ୟାଳୟ ଧୋଡିପାଣି ଓ କନ୍ୟାଶ୍ରମ ଦଳବେଡା ପରୀକ୍ଷା କେନ୍ଦ୍ରରେ ପ୍ରଥମ ଥର ସିସିଟିଭି ଲଗାଯାଇଥିବା ଜଣାପଡିଛି ।

## ସଂକ୍ଷେପରେ

### ଟ୍ରକ ଧକ୍କାରେ ଶିଶୁ କନ୍ୟା ମୃତ

**ଡାବୁଗାଁ,୧୫।୨(ଡି.ଏନ.ଏ.):** ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ଝରିଗୁଡା ଛକ ନିକଟରେ ଶନିବାର ଟ୍ରକ ଧକ୍କାରେ ୪ ବର୍ଷର ଶିଶୁକନ୍ୟାର ମୃତ୍ୟୁ ଘଟିଛି। ମୃତ ଶିଶୁକନ୍ୟା ଜଣକ ହେଲେ ନବରଙ୍ଗପୁର ଜିଲା ପାପଡାହାଣ୍ଡି ଥାନା ଅଧୀନ ମଇଦଲପୁର ଅଞ୍ଚଳର ପୋଖନାଗୁଡା ଗ୍ରାମର କନକ ମାଝୀଙ୍କ ଝିଅ ସବିତା ମାଝି। ପୋଖନାଗୁଡା ଗ୍ରାମର ବିଧବା କନକ ମାଝୀ ନିଜର ୩ ପିଲାଙ୍କୁ ନେଇ ବାପା ଘର ମଙ୍ଗରାଚଚରା ଗ୍ରାମକୁ ଆସିଥିଲେ। ଶନିବାର ଅପରାହ୍ନରେ ଝରିଗୁଡା ଛକରେ ପାପଡାହାଣ୍ଡି ଯିବା ପାଇଁ ଗାଡିକୁ ଅପେକ୍ଷା କରିଥିଲେ । ଏହି ସମୟରେ ଉମରକୋଟ ପଟରୁ ଏକ ମାଲ ବୋଝେଇ ଟ୍ରକ (ନଂ. ଏପି ୩୯ ଟିଇ ୬୩୭୯) ଦ୍ରୁତ ଗତିରେ ଆସି ରାସ୍ତା କଡରେ ଛିଡା ହୋଇଥିବା ୪ ବର୍ଷର ଶିଶୁ କନ୍ୟା ସବିତା ମାଝୀଙ୍କୁ ଧକ୍କା ଦେଇ ପ୍ରାୟ ୨୦୦ ମିଟର ଘୋଷାଡ଼ି ନେଇଥିଲା । ଫଳରେ ଶିଶୁ କନ୍ୟାର ମୃତ୍ୟୁ ଘଟିଥିଲା । ଘଟଣାସ୍ଥଳରେ ସ୍ଥାନୀୟ ଲୋକେ କ୍ଷତି ପୂରଣ ଦାବିରେ ରାସ୍ତାରୋକୋ କରିଥିଲେ । ଖବରପାଇ ଡାବୁଗାଁ ଥାନା ଆଇଆଇସି ସୁରେନ୍ଦ୍ର କୁମାର ବେଉରିଆ, ଏଏସଆଇ ସଲମନ ଭୂୟାଁ ଓ ପୀତାମ୍ବର ଭତ୍ରା ପହଞ୍ଚିଥିଲେ। ଉମରକୋଟ ପଟୁ ଉପଜିଲାପାଳ ଭାସ୍କର ରଇତ ନବରଙ୍ଗପୁର ଫେରୁଥିବା ବେଳେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ପରେ ଉପଜିଲାପାଳ ମୃତକଙ୍କୁ ମା’ଙ୍କୁ ରେଡକ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କା ପ୍ରଦାନ କରିଥିଲେ । ଏହାପରେ ରାସ୍ତାରୋକ ହଟିଥିଲା । ଦୁର୍ଘଟଣା ଘଟାଇଥିବା ଟ୍ରକକୁ ପୋଲିସ ଜବତ କରିଛି। ଟ୍ରକ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଛି।



ଶହୀଦ ମିନାରରେ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି।

# ଯୁବ ସାଂସଦୀୟ ନେତୃତ୍ୱ ବିକାଶ ଶିବିର

**ନବରଙ୍ଗପୁର,୧୫।୨(ବି.ପ୍ର.)**

ପାପଡାହାଣ୍ଡି ସହୀଦ ମିନାର ଠାରେ ଆଦିବାସୀ ଶହୀଦ ସ୍ମୃତି କେନ୍ଦ୍ର ଓ ନବରଙ୍ଗପୁର ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ଯୁବ ସାଂସଦୀୟ ନେତୃତ୍ୱ ବିକାଶ ନେଇ ଏକ ଶିବିର ଅନୁଷ୍ଠିତ ହୋଇ ଯାଇଛି। ଜିଲାପରିଷଦ ଅଧ୍ୟକ୍ଷା ଭଗବତୀ ଭତରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ପାପଡାହାଣ୍ଡି ଶହୀଦ ସ୍ମୃତି ସଙ୍ଗଠନର ସଭାପତି ତଥା ପୂର୍ବତନ ଜିଲାପରିଷଦ ସଭ୍ୟ ସୋମନାଥ ବିଷୋୟୀ, ଲିଙ୍ଗରାଜ ଭତରା, ନବରଙ୍ଗପୁର ମାଆ ଘର ଅଧ୍ୟକ୍ଷା କାଦମ୍ବିନୀ ତ୍ରିପାଠୀ, ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ, ଆଦିବାସୀ ରାଜ୍ୟ କାର୍ଯ୍ୟକାରିଣି ସଦସ୍ୟ ଅଖିଳ ଭତରା, ଯୁବ ନେତା ଅବଦୁଲ ଫିରୋଜ, ନେହେରୁ ଯୁବକେନ୍ଦ୍ରର ସଙ୍ଗଠକ ବି. ରମେଶ, ସାମାଜିକ କର୍ମୀ ଅଭିଳାଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ ପାପଡାହାଣ୍ଡି ମହାବିଦ୍ୟାଳୟ ଓ କୋଟପାଡ ଗୁରୁକୁଳର ପରିଚାଳନା ନିର୍ଦ୍ଦେଶକ ଏଚ.ଏଚ. ଯୋଗେଶ୍ୱରୀ, ପଣ୍ଡିତ ଦାଶ ବ୍ରହ୍ମଚାରୀ ସମେତ ଶହେ ଜଣ ଛାତ୍ରୀ ଛାତ୍ର ଯୋଗ ଦେଇଥିଲେ । ଏହି ଶିବିରରେ ସ୍ୱାଧିନତା ଆନ୍ଦୋଳନ, ଯୁବ ନେତୃତ୍ୱ ବିକାଶ , ନାଗରିକ ଅଧିକାର, ପଞ୍ଚାୟତିରାଜ ଓ ସମ୍ବିଧାନୀକ ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା । ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅତିଥି ମାନେ ରଖିଥିଲେ ।

# ଭାଜପା ସାଙ୍ଗଠନିକ ବୈଠକ



ବୈଠକରେ ଉପସ୍ଥିତ ଭାଜପା କର୍ମକର୍ତ୍ତା।

**ଚନ୍ଦାହାଣ୍ଡି,୧୫।୨(ଡି.ଏନ.ଏ)**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଦଳବେଡାଠାରେ ମାଲଗାଁ ମଣ୍ଡଳ ଭାଜପାର ସାଙ୍ଗଠିକ ବୈଠକ ଅନୁଷ୍ଠିତ ହୋଇଛି। ମଣ୍ଡଳ ସଭାପତି ଡମ୍ବୁରଧର ମାଝି ଅଧ୍ୟକ୍ଷତା କରିଥିଲେ। ଏଥିରେ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ଶ୍ୟାମ ମାଝି, ଭାଜପା ନେତା ଭରତ ବାଘ, ଦିଲୀପ ଦାସ, ମୁରଳି ପୋଡ, ତ୍ରିଲୋଚନ ବେଶ୍ରା ପ୍ରମଖ ଯୋଗ ଦେଇଥିଲେ। ସକ୍ରିୟ ସଦସ୍ୟତା ବୃଦ୍ଧି, ପିଏମ କିଷାନ ହିତାଧିକାରୀଙ୍କୁ କିଷାନ କ୍ରେଡିଟ କାର୍ଡ, ନାଗରିକତା ସଂଶୋଧନ ଆଇନ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରାଯାଇଥିଲା। ଏହି ମଣ୍ଡଳରୁ ପୋଷ୍ଟକାର୍ଡ ମାଧ୍ୟମରେ ନାଗରିକତା ସଂଶୋଧନ ଆଇନକୁ ସହମତି ଜଣାଇବାକୁ କାର୍ଯ୍ୟକର୍ତ୍ତାଙ୍କୁ କୁହାଯାଇଥିଲା। ପ୍ରତ୍ୟେକ ୱାର୍ଡସ୍ତରରୁ ଭାଜପାର ସଦସ୍ୟତା ବୃଦ୍ଧି କରିବାକୁ ବୈଠକରେ ଆଲୋଚନା ହୋଇଥିଲା। ମାଧବ ଶୋରୀ, ଭୁବନେଶ୍ୱର ସାଗର, ହରି ମାଝି, ମକୁନ୍ଦ ବାଘ, ଦେବକିରଣ ନାୟକ, ଲବ ଧୁରୁଆ, ଗଙ୍ଗାଧର ସାନ୍ତା, ଟିକମ ନାୟକ ତେନସିଂ ଘଣ୍ଟି, ଲଛମନ ନାଗ ପ୍ରମୁଖ ଯୋଗ ଦେଇଥିଲେ।

# ଦୁର୍ଘଟଣାଗ୍ରସ୍ତ ୨ ଯୁବକଙ୍କୁ ଡାକ୍ତରଖାନା ନେଲେ ଡାକ୍ତର

**ଚନ୍ଦାହାଣ୍ଡି,୧୫।୨(ଡି.ଏନ.ଏ)**



ଦୁର୍ଘଟଣାରେ ଗୁରୁତର ହୋଇ ୨ ଜଣ ଯୁବକ ପଡିଥିବା ବେଳେ ଡାକ୍ତର ବସନ୍ତ କୁମାର ଷଡଙ୍ଗୀ ସେମାନଙ୍କୁ ଉଦ୍ଧାର କରି ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଚନ୍ଦାହାଣ୍ଡି ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭ୍ରାମ୍ୟମାଣ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ବସନ୍ତ କୁମାର ଷଡଙ୍ଗୀ ଶନିବାର ସକାଳ ୯ଟାରେ ଦୁର୍ଗମ କୁହୁଡି ପଞ୍ଚାୟତର ମଥୁରାପଡା ଓ ଡହିମାଲ ଗ୍ରାମକୁ ଡ୍ୟୁଟିରେ ଯାଉଥିଲେ। କୁହୁଡି ଘାଟିରେ ଏକ ବାଇକ ଦୁର୍ଘଟଣା ଘଟି ଈଶ୍ୱର ମାଝି (୨୦) ଓ ଗରୁଡ ମାଝି ଗୁରୁତର ହୋଇ ପଡିଥିବାର ଦେଖିଥିଲେ। ଫାର୍ମାସିଷ୍ଟ ରମେଶ ଦାଶଙ୍କ ସହାୟତାରେ ଡାକ୍ତର ବସନ୍ତ ସେମାନଙ୍କୁ ନିଜ ଏମଏଚୟୁ ଗାଡିରେ ବସାଇ ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର କନ୍ଫେସ ସୁନା ସେମାନଙ୍କ ଚିକିତ୍ସା କରିବା ପରେ ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ଘଟିଥିଲା।

# ଟ୍ରାକ୍ଟର ଓଲଟିଲା

**ପାପଡାହାଣ୍ଡି, ୧୫।୨(ଡି.ଏନ.ଏ.)**



ପାପଡାହାଣ୍ଡି ବ୍ଲକ ସୋରିଷ ପଦର ନିକଟରେ ଏକ ଟ୍ରାକ୍ଟରରେ ସଂଯୋଗ ହୋଇଥିବା ଟ୍ରଲି ଓଲଟି ପଡିଛି। ଏଥିରେ ବସିଥିବା ୨ ଜଣ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଟ୍ରାକ୍ଟର (ନଂ. ଓଆର୨୪-୯୭୬୬) ଟି ପାପଡାହାଣ୍ଡି ରୁ ମୋକିଆ ସିମେଣ୍ଟ ଓ ଲୁହା ଛଡ ଧରି ଯାଉଥିଲା । ଏହି ସମୟରେ ଟ୍ରାକ୍ଟରରେ ସଂଯୋଗ ହୋଇଥିବା ଟ୍ରଲି ଛିଣ୍ଡି ଯାଇ ଓଲଟି ପଡିଥିଲା। ଏହା ଉପରେ ବସିଥିବା ଲୋକଙ୍କ ଉପରେ ଚାପି ହୋଇଯାଇଥିଲା। ସ୍ଥାନୀୟ ଲୋକ ସେମାନଙ୍କୁ ଉଦ୍ଧାର କରିଥିଲେ । ଦୁର୍ଘଟଣା ପରେ ଗାଡି ଉଠାଇ ନେଯାଇଥିବାରୁ ପୋଲିସ ମାଲିକକୁ ଡକାଇ ତଦନ୍ତ ଜାରି ରଖିଛି।

# ଚନ୍ଦାହାଣ୍ଡି ସହରରେ ଲାଗିବ ଷ୍ଟ୍ରିଟ ଲାଇଟ୍

**ଚନ୍ଦାହାଣ୍ଡି,୧୫।୨(ଡି.ଏନ.ଏ):** ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ସହର ଏବେ ବିଦ୍ୟୁତ ଆଲୋକରେ ଝଟକିବ। ସହରେ ଷ୍ଟ୍ରିଟ ଲାଇଟ ଲଗାଯାଇ ସମ୍ପୂର୍ଣ୍ଣ ଆଲୋକୀକରଣ କରାଯିବା ନିମନ୍ତେ ନିଷ୍ପତ୍ତି ନିଆଯାଇଥିବା ନବରଙ୍ଗପୁର ଏମପି ରମେଶ ଚନ୍ଦ୍ର ମାଝି କହିଛନ୍ତି। ଚନ୍ଦାହାଣ୍ଡି ସହରର ପାନାବେଡା ମହାବିଦ୍ୟାଳୟ ଠାରୁ ଝରାବାହାଲ ଛକ ପର୍ଯ୍ୟନ୍ତ ପ୍ରାୟ ୧.୫ କି.ମି ସମ୍ପୂର୍ଣ୍ଣ ଆଲୋକୀକରଣ କରାଯିବ। ବର୍ତ୍ତମାନ ପୂର୍ତ୍ତବିଭାଗ ପକ୍ଷରୁ ଚନ୍ଦାହାଣ୍ଡି ସହର ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ଆଗେଇ ଚାଲିଛି। ଏଥିପାଇଁ ବିଦ୍ୟୁତ ବିଭାଗ ପକ୍ଷରୁ ପୁରୁଣା ବିଦ୍ୟୁତ ଖୁଣ୍ଟ ବାହାର କରାଯାଇ ନୂତନ ଖୁଣ୍ଟି ରାସ୍ତାର ୨ ପାର୍ଶ୍ୱରେ ପୋତା ଯାଉଛି। ଏହା ସମ୍ପୂର୍ଣ୍ଣ ହେବା ପରେ ଆଲୋକୀକରଣ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଜଣାପଡିଛି।

# ସାଇବର ଆଇନ ସମ୍ପର୍କିତ କର୍ମଶାଳା

**ଚନ୍ଦାହାଣ୍ଡି, ୧୫।୨ (ଡି.ଏନ.ଏ.):** ଚନ୍ଦାହାଣ୍ଡି ତାଲୁକ ଲିଗାଲ ଏଡ କମିଟି ଆନୁକୂଲ୍ୟରେ ପାନାବେଡା ଡିଗ୍ରୀ ମହାବିଦ୍ୟାଳୟଠାରେ ସାଇବର ଆଇନ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ଦ୍ୱାରିକାନାଥ ବାଘଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଇନ ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ତାଲୁକ ଲିଗାଲଏଡ କମିଟିର ଅଧକ୍ଷ ତଥା ଚନ୍ଦାହାଣ୍ଡି ପ୍ରଥମ ଶ୍ରେଣୀ ବିଚାରପତି ସୌଭାଗ୍ୟରଞ୍ଜନ ପ୍ରଧାନ , ମୁଖ୍ୟବକ୍ତା ସରକାରୀ ଓକିଲ ତଥା ଉମରକୋଟ ଓକିଲ ସଂଘ ସଭାପତି ପ୍ରଶାନ୍ତ କୁମାର ସାହୁ, ସମ୍ମାନିତ ଅତିଥି ବିଡିଓ ଧର୍ମରାଜ ମାଝି, ତହସିଲଦାର ହୃଦାନନ୍ଦସିଂ ମାଝି, ବିଜୟ ସିଂ, ଅଧାପକ ଡ. ଦିଲିପ କୁମାର ଲେଙ୍କା, ଏଏସଆଇ ସୁବାସ ବେହେରା ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଓଡିଆ ଅଧାପକ ନଳିନୀଦାସ ପରିଚାଳନା କରିଥିବାବେଳେ ଆଇନଜୀବୀ ମହମ୍ମଦ ହୁସେନ, ମନୋଜ ବାରିକ, ହୁମେଶ୍ୱର ହଂସ, ଅଧାପକ ଚତୁଃଭୁଜ ମେହେର, କେଶରୀ ମନହିରା, ଶଙ୍କରବାପି ମୁର୍ମୁ, ହରିଶ୍ଚନ୍ଦ୍ର ସାହୁ, ମେମନଲାଲ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କୁ ସାଇବର ଆଇନ ସମ୍ପର୍କରେ ବୁଝାଇବା ସହ ଇଣ୍ଟରନେଟ ଓ କମ୍ପ୍ୟୁଟର ବ୍ୟବହାରର ଦୁରୁପଯୋଗ ନ କରିବାକୁ ପରାମର୍ଶ ଦେଇଥିଲେ। ଆଇନଜୀବୀ କ୍ଷେମରାଜ ବାଘ ଧନ୍ୟବାଦ ଦେଇଥିଲେ।














Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ



ଏକମାତ୍ର କୁହୁକ ହେଉଛି କଠିନ ପରିଶ୍ରମ, ଦୂରଦୃଷ୍ଟି, କର୍ତ୍ତବ୍ୟବୋଧ ଓ ଦୃଢ଼ ସଂକଳ୍ପ। -ଇନ୍ଦିରାଗାନ୍ଧୀ

# କଡ଼ା ସୁରକ୍ଷାରେ ରଖାଗଲା ମାଟ୍ରିକ ପ୍ରଶ୍ନପତ୍ର

**ରାୟଗଡ଼ା ଅଫିସ ,୧୫।୨**

ଆସନ୍ତା ୧୯ ତାରିଖରେ ଆରମ୍ଭ ହେବ ମାଟ୍ରିକ ପରୀକ୍ଷା । ଏଥିଲାଗି ଶନିବାର ରାୟଗଡ଼ାରେ ପହଞ୍ଚିଛି ପ୍ରଶ୍ନପତ୍ର । ଏହି ପ୍ରଶ୍ନପତ୍ରଗୁଡ଼ିକୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ସ୍ଥାନୀୟ ଗୋବିନ୍ଦ ଚନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟରେ ରଖାଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶଶିଭୂଷଣ ପଟ୍ଟନାୟକ ଏହା କହିଛନ୍ତି । ଚଳିତ ବର୍ଷ ରାୟଗଡ଼ା ଜିଲାରେ ପ୍ରାୟ ୧୧,୨୦୬ ଜଣ ପରୀକ୍ଷାର୍ଥୀ ମାଟ୍ରିକ ପରୀକ୍ଷା ଦେବେ । ସେଥିମଧ୍ୟରୁ ରେଗୁଲାର ୧୦,୪୯୨ ଥିବା ବେଳେ ୭୧୪ ଜଣ ଏକ୍ସ ରେଗୁଲାର ଅଛନ୍ତି । ସେଥିପାଇଁ ଖୋଲାଯାଇଛି ୪୮ ଟି ପରୀକ୍ଷା କେନ୍ଦ୍ର । ଜିଲାରେ ୧୧ ଟି ନୋଡ଼ାଲ ସେଣ୍ଟର ହୋଇଛି । ଶନିବାର ୯ ଟି ପରୀକ୍ଷା କେନ୍ଦ୍ର ନିମନ୍ତେ ୩ ଗୋଟି ବିଭାଗର ପ୍ରଶ୍ନପତ୍ର ଓ ଖାତା ଆସି ସ୍ଥାନୀୟ ଗୋବିନ୍ଦ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ପହଞ୍ଚିଛି । ପ୍ରଶ୍ନପତ୍ରର ସୁରକ୍ଷା ନିମନ୍ତେ ସ୍ଥାନୀୟ ଶିକ୍ଷା ବିଭାଗ ଓ ଏସପି ଶ୍ରବଣ ବିବେକ ଏମ୍‌ଙ୍କ ନିର୍ଦ୍ଦେଶକ୍ରମେ ୪ କନଷ୍ଟେବଳ ଓ ୧ ହାବିଲଦାରଙ୍କୁ ନିୟୋଜିତ କରାଯାଇଛି । ସେମାନଙ୍କୁ ବିଦ୍ୟାଳୟର ଜଣେ କର୍ମଚାରୀ ସହଯୋଗ କରିବେ । ଗୋବିନ୍ଦ ଚନ୍ଦ୍ର ବିଦ୍ୟାଳୟରେ ନୋଡ଼ାଲ କାର୍ଯ୍ୟାଳୟ ସମ୍ମୁଖରେ ସମୁଦାୟ ୧୬ ଟି ସିସି କ୍ୟାମେରା ଲଗାଯାଇଛି ।

## ୧୧,୨୦୬ ପରୀକ୍ଷାର୍ଥୀ

■ଖୋଲାଯାଇଛି ୪୮ ପରୀକ୍ଷା କେନ୍ଦ୍ର | ■ଗୋବିନ୍ଦ ଚନ୍ଦ୍ର ବିଦ୍ୟାଳୟରେ ୧୬ ସିସି କ୍ୟାମେରା



## ଗୁଡ଼ାରୀରେ ୫୨୬ ପରୀକ୍ଷାର୍ଥୀ

**ଗୁଡାରୀ,(ଡି.ଏନ୍.ଏ.):** ଗୁଡାରୀ ବ୍ଲକ ଓ ଏନ୍‌ଏସିରେ ମୋଟ ୫୨୬ ଜଣ ମାଟ୍ରିକ ପରୀକ୍ଷାର୍ଥୀ । ସେମାନେ ତିନୋଟି କେନ୍ଦ୍ରରେ ପରୀକ୍ଷା ଦେବେ । ଗୁଡାରୀ ସରକାରୀ ନୋଡାଲ ହାଇସ୍କୁଲ କେନ୍ଦ୍ରରେ ୧୯୯ , ଲୋକନାଥପୁର ହାଇସ୍କୁଲ କେନ୍ଦ୍ରରେ ୧୯୦ ଓ ସରକାରୀ ଏସଏସ୍‌ଡି ବାଳିକା ହାଇସ୍କୁଲରେ ମୋଟ ୧୩୭ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ । ଉକ୍ତ ୩ କେନ୍ଦ୍ରରେ ପରୀକ୍ଷା କିପରି ଶାନ୍ତିଶୃଙ୍ଖଳା ଭାବେ କରାଯିବ, ସେନେଇ ପୋଲିସ ତରଫରୁ ସମସ୍ତ ପଦକ୍ଷେପ ନିଆଯିବ ବୋଲି ସ୍ଥାନୀୟ ଥାନାଧିକାରୀ ସୁଶାନ୍ତ ତାଉଡିଆ ପ୍ରକାଶ କରିଛନ୍ତି । ଗୁଡାରୀ ନୋଡାଲ ସରକାରୀ ହାଇସ୍କୁଲ କେନ୍ଦ୍ରରେ ଚାଲକମ୍ବା ହାଇସ୍କୁଲ ପ୍ରଧାନଶିକ୍ଷକ ଲିଙ୍ଗରାଜ ନାୟକ ସୁପରିଣ୍ଟେଣ୍ଡେଣ୍ଟ ଭାବେ ଦାୟିତ୍ୱରେ ରହିବେ । ଲୋକନାଥପୁର ହାଇସ୍କୁଲ କେନ୍ଦ୍ରରେ ମହେନ୍ଦ୍ର ତୁଳ ଏବଂ ଏସ୍‌ଏସ୍‌ଡି ବାଳିକା ହାଇସ୍କୁଲ, ଗୁଡାରୀରେ ଲୋକନ ଶବର ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱ ତୁଲାଇବେ । ତିନୋଟି କେନ୍ଦ୍ର ମଧ୍ୟରୁ କେବଳ ଲୋକନାଥପୁର କେନ୍ଦ୍ର ସିସିଟିଭି ନଜରରେ ରହିଛି ।

## ଚୂଡ଼ାନ୍ତ ଭୋଟର ତାଳିକା ପ୍ରକାଶ



**ରାୟଗଡ଼ା ଅଫିସ ,୧୫।୨**

ସ୍ଥାନୀୟ ଜିଲାପାଳଙ୍କ ସଦ୍‌ଭାବନା ଗୃହରେ ଶନିବାର ରାୟଗଡ଼ା ଜିଲାର ଚୂଡ଼ାନ୍ତ ଭୋଟର ତାଳିକା ପ୍ରକାଶ ପାଇଛି । ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଏହା ପ୍ରକାଶ ପାଇଛି । ନୂତନ ଭୋଟର ତାଲିକା ଅନୁସାରେ ୧୬ ।୧୨। ୨୦୧୯ ପୂର୍ବରୁ ଜିଲାରେ ୬ ଲକ୍ଷ ୫୫ ହଜାର ୨୭୫ ଭୋଟର ଥିଲେ । ବର୍ତ୍ତମାନ ନୂତନ ତାଲିକାରେ ୧୫ ହଜାର ୧୫୨ ଜଣ ସାମିଲ ହୋଇଛନ୍ତି । ୨୦୬୯ ଜଣଙ୍କୁ ନୂତନ ତାଲିକାରୁ ବିଭିନ୍ନ କାରଣରୁ ବାଦ ଦିଆଯାଇଛି । ୨୭୨୦ ଜଣ ଭୋଟରଙ୍କର ତ୍ରୁଟି ସଂଶୋଧନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲା ନିର୍ବାଚନ ଅଧିକାରୀ ନାରାୟଣ ମିଶ୍ର, କଂଗ୍ରେସ ତରଫରୁ ଶଙ୍କର ମଙ୍ଗରାଜ, ବିଜେଡ଼ିରୁ ତିରୁପତି ବେନାଗାରୁ , ଭାଜପାର ଶିବ ପଟ୍ଟନାୟକ, ବିଏସପିର ଭାସ୍କର ମୂର୍ତ୍ତୀ ଉପସ୍ଥିତ ଥିଲେ ।

## ସଂକ୍ଷେପରେ



### ଦେଶ ମାତୃକା ପ୍ରତି ଜାଗରଣ ଅଭିଯାନ

**ମୁନିଗୁଡା, ୧୫ ।୨ (ଡି.ଏନ୍.ଏ.):** ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଦେଶ ମାତୃକା ପ୍ରତି ଜାଗରଣ ସୃଷ୍ଟି କରିବା ପାଇଁ କେନ୍ଦ୍ରୀୟ ସୁରକ୍ଷା ପୋଲିସ ବାହିନୀ ଅଷ୍ଟମ ବାଟାଲିୟନ ମୁଖ୍ୟାଳୟ ତରଫରୁ ଏକ ଅଭିଯାନ ଆରମ୍ଭ ହୋଇଛି। ଶୁକ୍ରବାର ବୃନ୍ଦାବନ ବିଦ୍ୟାପୀଠ ପାତ୍ରଗୁଡାର ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ ସିଆରପିଏଫ୍‌ର ମହାନ ପରମ୍ପରା, ଦେଶ ପାଇଁ ବଳିଦାନ ଏବଂ ନିଷ୍ଠାପର ସେବା କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ଭାବେ ଅବଗତ କରାଯାଇଥିଲା। ଏଥିସହ ଦେଶ ସେବା ପାଇଁ ବ୍ରତୀ ହେବାକୁ ପରାମର୍ଶ ଦିଆଯାଇଥିଲା। ଏଥିରେ ବାହିନୀର ଦ୍ୱିତୀୟ କମାଣ୍ଡାଣ୍ଟ ଫ୍ରାନ୍‌ସିସ୍ ତିର୍କୀ, ଉପ କମାଣ୍ଡାଣ୍ଟ ଅରବିନ୍ଦ ଯାଦବଙ୍କ ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମରେ ଇନ୍ସପେକ୍ଟର କେ.ସି. ମଲିକ, ବିନୟ ଲେଙ୍କା ସହାୟତା କରିଥିଲେ।

### ସୁଧୀର ଦାସ ହେଲେ ଜିଲା ବିଜେଡି ସଭାପତି

**ରାୟଗଡ଼ା ଅଫିସ , ୧୫।୨:** ରାୟଗଡ଼ା ଜିଲା ବିଜେଡ଼ି ସଭାପତି ହେଲେ ସୁଧୀର ଦାସ । ରାଜ୍ୟ ସଭା ସଦସ୍ୟ ଏନ. ଭାସ୍କର ରାଓଙ୍କ ବାସଭବନ ଓ କାର୍ଯ୍ୟାଳୟରେ ରାୟଗଡ଼ା ଜିଲା ସଭାପତି ଭାବେ ସୁଧୀର ଦାସ ଶନିବାର ନିର୍ବାଚିତ ହୋଇଛନ୍ତି । ବିଜେଡ଼ିର ନିର୍ବାଚନ ଅଧିକାରୀ ଭାବେ ବ୍ରଜ ସୁନ୍ଦର ନାୟକ କାର୍ଯ୍ୟ ତୁଲାଇଥିଲେ । ସୁଧୀର ଦାସ ଏକ ମାତ୍ର ପ୍ରାର୍ଥୀ ଭାବେ ଜିଲା ସଭାପତି ପାଇଁ ନାମାଙ୍କନ ପତ୍ର ଦାଖଲ କରିଥିବାରୁ ସେ ନିର୍ଦ୍ୱନ୍ଦ୍ୱରେ ମନୋନୀତ ହୋଇଥିଲେ । ଏହି ଅବସରରେ ରାଜ୍ୟ ସଭା ସଦସ୍ୟ ରାଓ, ପୂର୍ବତନ ମନ୍ତ୍ରୀ ଲାଲ ବିହାରୀ ହିମିରିକା , ପୂର୍ବତନ ଏମ୍‌ପି ଝିନ୍ନ ହିକକାଙ୍କ ସମେତ ବିଜେଡ଼ିର କର୍ମକର୍ତ୍ତା ଉପସ୍ଥିତ ଥିଲେ ।

### ବିଶ୍ୱଶାନ୍ତି ମହାଯଜ୍ଞ

**ବିଷମକଟକ, ୧୫।୨(ଡ଼ି.ଏନ.ଏ):** ରାୟଗଡା ଜିଲା ବିଷମକଟକ ବ୍ଲକ ଅନ୍ତର୍ଗତ ଚାଟିକୋଣା ରାମ ମନ୍ଦିର ପରିସରରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଏ ଅବସରରେ ଯଜ୍ଞ ମଣ୍ଡପ ପରିସରରେ ଚବିଶି ପ୍ରହର ନାମ ଯଜ୍ଞ ମଧ୍ୟ ଆୟୋଜିତ ହୋଇଥିଲା । ଏହା ତିନି ଦିନ ଧରି ଚାଲିବ । ଏଥିରେ ୧୭ଟି ନାମ ସଂକୀର୍ତ୍ତନ ଦଳ ଭାଗ ନେଇଥିଲେ । ଯଜ୍ଞସ୍ଥଳରେ ପ୍ରତ୍ୟେକ ଦିନ ହଜାର ହଜାର ଭକ୍ତଙ୍କ ସମାଗମ ହେଉଛି ।

### ଭିନ୍ନକ୍ଷମ ଶିଶୁଙ୍କୁ ମିଳିବ ହୁଇଲ ଚେୟାର



**ଦଶମନ୍ତପୁର,୧୫।୨(ଡି.ଏନ୍.ଏ.):** ଦଶମନ୍ତପୁର ବ୍ଲକ ମୁର୍କାର ପଞ୍ଚାୟତ ଗାଦିଖାଲ ଗ୍ରାମର ଜଣେ ଭିନ୍ନକ୍ଷମ ନାବାଳିକା ଭତ୍ତା ଆବେଦନ କରିବାକୁ ଆଶାବାଡ଼ି ସହ ଚାଲିଚାଲି କାର୍ଯ୍ୟାଳୟରେ ପହଞ୍ଚିଛନ୍ତି। ଗାଦିଖାଲର ଗର୍ଯ୍ୟା ହୁଇକାଙ୍କ ୧୩ ବର୍ଷୀୟ ଝିଅ ଶଶିର ୧୧ ବର୍ଷ କାଳ ମା' ସୁବ୍ରଙ୍କ କୋଳରେ ଦିନ କଟୁଥିଲା। ମଜୁରି ଖଟି ଗୁଜୁରାଣ ଚଳାଉଥିବା ତାଙ୍କ ପରିବାର ଲୋକେ ଶଶିଙ୍କ ଏଭଳି ଅବସ୍ଥା ନେଇ ଚିନ୍ତାରେ ଥିଲେ। ଜଣେ ସାମାଜିକ କର୍ମୀଙ୍କ ସହଯୋଗରେ ଏନେଇ ତାଙ୍କ ବିଷୟରେ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇଥିଲା। ଏହାକୁ ନେଇ ସାମାଜିକ କର୍ମୀ ଦିବସ କୁମାର ସାହୁ ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍ କରିବା ପରେ ଆର୍‌ବିଏସ୍‌କେ ମ୍ୟାନେଜର ବିଭୁ ରଞ୍ଜନ ମୁଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ଏହାର ସ୍ଥାନୀୟ ୟୁନିଟ ଅଧିକାରୀ ମାନସ ରଞ୍ଜନ ପଣ୍ଡା ଓ ଫାର୍ମାସିଷ୍ଟ ପ୍ରମିଳା ପାଣିଗ୍ରାହୀ ଶଶିଙ୍କ ପାଖକୁ ଯାଇ ସହାୟତାର ହାତ ବଢ଼ାଇଥିଲେ। ତାଙ୍କୁ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଚିକିତ୍ସା କରାଯାଇଥିଲା। ଚାଲିପାରୁ ନ ଥିବା ଭିନ୍ନକ୍ଷମ ଶଶି ଏବେ ଏକ ଆଶାବାଡ଼ି ସାହାଯ୍ୟରେ ନିଜ ଗୋଡ଼ରେ ୫ କିମି ବାଟ ଚାଲି ବ୍ଲକ ସାମାଜିକ ସୁରକ୍ଷା ବିଭାଗ କାର୍ଯ୍ୟାଳୟରେ ପହଞ୍ଚି ନିଜେ ପ୍ରୋଗ୍ରାମ ଆସିଷ୍ଟାଣ୍ଟ ଝରଣା ଖୋସଲାଙ୍କୁ ଭତ୍ତା ପାଇଁ ଆବେଦନ ପତ୍ର ଦେଇଥିଲେ। ୭୦ ପ୍ରତିଶତ ଭିନ୍ନକ୍ଷମ ପ୍ରମାଣପତ୍ର ଆସିବା କ୍ଷଣି ଶଶିଙ୍କୁ ହୁଇଲ ଚେୟାର ଦିଆଯିବ ବୋଲି ଖୋସଲା କହିଛନ୍ତି।

# ଡଙ୍ଗାସିଲରେ ପାନୀୟ ଜଳ ସମସ୍ୟା

**ଟିକିରି, ୧୫ ।୨ (ଡି.ଏନ୍.ଏ.)**

ରାୟଗଡ଼ା ଜିଲା କାଶୀପୁର ବ୍ଲକରେ ରହିଛି ଡଙ୍ଗାସିଲ ଗ୍ରାମ । ଏହି ଗ୍ରାମରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଆଗକୁ ଖରା ବଢିଲେ, ଏହି ସମସ୍ୟା ଦ୍ୱିଗୁଣିତ ହୋଇଯିବ। ଏନେଇ ବାରମ୍ବାର ଜଣାଇଲେ ମଧ୍ୟ କେହି ଶୁଣୁ ନ ଥିବା କହିଛନ୍ତି ଗ୍ରାମବାସୀ । ଏହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।

ଏହି ଗ୍ରାମରେ ପ୍ରାୟ ୫ ଶହ ପରିବାର ବସବାସ କରୁଛନ୍ତି । ଏଠାରେ ଥିବା ନଳକୂପରୁ ଆବଶ୍ୟକ ମୁତାବକ ପାଣି ବାହାରୁ ନାହିଁ । ଆଗକୁ ଜଳ ସମସ୍ୟା ଆହୁରି ଉତ୍କଟ ହେବ ବୋଲି ଗ୍ରାମବାସୀ କହିଛନ୍ତି। ଗତ ଦିନରେ ପଞ୍ଚାୟତ ପକ୍ଷରୁ ନିର୍ମାଣ କରାଯାଇଥିବା ପାନୀୟ ଜଳ ପ୍ରକଳ୍ପ ଦୁଇବର୍ଷ ହେଲା ଅଚଳ ହୋଇପଡିଛି। ଏହା ମାଧ୍ୟମରେ ଷ୍ଟାଣ୍ଡପୋଷ୍ଟ ଜରିଆରେ ବିଭିନ୍ନ ସାହି, ବସ୍ତିକୁ ପାଇପ୍ ପାଣି ଯୋଗାଣର ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ଖାଲୁଆ ସ୍ଥାନରେ ପମ୍ପ ହାଉସ୍ ହୋଇଥିବାରୁ ପାଣି ଉପରକୁ ଉଠୁ ନ ଥିବା ଅଭିଯୋଗ ହୋଇଛି। ସେହିପରି ବିଭିନ୍ନ ସ୍ଥାନରେ ପାଣି ପାଇପ୍ ଫାଟି ଯାଇଥିବା ଜଣାଯାଇଛି। ପୂର୍ବରୁ ବହୁଥର ପାନୀୟ ଜଳ ସମସ୍ୟା ନେଇ ଗ୍ରାମର ମହିଳାମାନେ ହାଣ୍ଡିମାଠିଆ ଧରି ରାସ୍ତାରୋକୋ କରିବା ସହ ଆନ୍ଦୋଳନ କରିଥିଲେ । ପରେ ଆଇଟିଡିଏ ପକ୍ଷରୁ ୩୩ ଲକ୍ଷ ଟଙ୍କା ବ୍ୟୟରେ ଓଭରହେଡ୍ ଟାଙ୍କି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ଗତବର୍ଷ ନଳକୂପ ଖୋଳିବା ପରେ ଠିକାଦାର ଆଉ କାମ କରି ଅଧାରେ ଛାଡ଼ି ଦେଇଛନ୍ତି । ଏ ନେଇ ବିଭାଗୀୟ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କଲେ ସୁଦ୍ଧା କୌଣସି ପଦକ୍ଷେପ ନେଉ ନ ଥିବା ଡଙ୍ଗାସିଲ ସରପଞ୍ଚ ନରସିଂହ ସାଉନ୍ତଙ୍କ ସହିତ ଗ୍ରାମବାସୀ କହିଛନ୍ତି। ତେଣୁ ତୁରନ୍ତ ଉକ୍ତ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଆରମ୍ଭ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

# ଜିଆଇଇଟି ବିଶ୍ୱବିଦ୍ୟାଳୟରେ କର୍ମଶାଳା

**ଗୁଣପୁର,୧୫।୨(ଡି.ଏନ୍.ଏ.)**

ସ୍ଥାନୀୟ ଜିଆଇଇଟି ବିଶ୍ୱବିଦ୍ୟାଳୟ ଅଧୀନସ୍ଥ କୃଷି ମହାବିଦ୍ୟାଳୟ ଆନୁକୂଲ୍ୟରେ ବୃଷ୍ଟିପୃଷ୍ଟ କୃଷି ଉପରେ ଏକ ଜାତୀୟ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି । ଭାରତ ସରକାରଙ୍କ କୃଷି ସମବାୟ ଏବଂ କୃଷକ କଲ୍ୟାଣ ବିଭାଗ ଅଧୀନସ୍ଥ ବୃଷ୍ଟିପୃଷ୍ଟ କୃଷି ବିଭାଗର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ. ଅଶୋକ ଏମ୍‌ଆର ଦଲୱାଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏତଦ୍ ବ୍ୟତୀତ ବିଶ୍ୱବିଦ୍ୟାଳୟର ସଭାପତି ପ୍ରଫେସର ଡ. ସତ୍ୟ ପ୍ରକାଶ ପଣ୍ଡା, ନିର୍ଦ୍ଦେଶକ ପ୍ରଫେସର ଡ. ଯଗଦିଶ ପଣ୍ଡା, କୁଳପତି ପ୍ରଫେସର ଡ. ଗୌତମ ଘୋଷ, କର୍ମଶାଳାର ଆବାହକ ତଥା କୃଷି ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ. ସନ୍ତୋଷ ପଣ୍ଡା,କର୍ମଶାଳାର ପରିଚାଳନା ସମ୍ପାଦକ ପ୍ରଫେସର ଡ. କୈଳାସ ବିହାରୀ ମହାପାତ୍ର ମଞ୍ଚାସୀନ ଥିଲେ । କର୍ମଶାଳାରେ ଓଡ଼ିଶା ତଥା ଓଡ଼ିଶା ବାହାରୁ ପ୍ରାୟ ୬୦ ଶିକ୍ଷକ, ଗବେଷକ, ସମ୍ପ୍ରସାରଣ ବିଶେଷଜ୍ଞ ତଥା ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗ ଦେଇଥିଲେ । ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଡ. ସନ୍ତୋଷ ପଣ୍ଡା ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । କର୍ମଶାଳାର ମୁଖ୍ୟ ଅତିଥି ଏବଂ ବିଶ୍ୱବିଦ୍ୟାଳୟର ସଭାପତି ବୃଷ୍ଟିପୃଷ୍ଟ ଅଞ୍ଚଳର ସଫଳ କୃଷି ନେଇ ମତବ୍ୟକ୍ତ କରିଥିଲେ ।

## ନେହେରୁ ଯୁବ କେନ୍ଦ୍ରର ସଚେତନତା କାର୍ଯ୍ୟକ୍ରମ

**ମୁନିଗୁଡା, ୧୫ ।୨ (ଡି.ଏନ୍.ଏ.)**

ରାୟଗଡ଼ା ଜିଲାର ମୁନିଗୁଡା ନିକଟସ୍ଥ କୁତ୍ରାଗଡଠାରେ ନେହେରୁ ଯୁବକେନ୍ଦ୍ର ସଙ୍ଗଠନ ଜିଲା ଶାଖା ଏବଂ ମା' ମାଣିକେଶ୍ୱରୀ ୟୁଥ୍ କ୍ଲବ ମିଳିତ ସଂଯୋଜନାରେ ଶୁକ୍ରବାର ଶିକ୍ଷା ଓ ସଚେତନତା ସମ୍ପର୍କିତ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କ୍ୟାସ୍‌ଲେସ୍ ଇଣ୍ଡିଆ, ମହିଳା ସଶକ୍ତିକରଣ, ନିରନ୍ତର ବିକାଶ ଏବଂ ଦକ୍ଷତା ବିକାଶ ବିଷୟରେ ଯୁବ ଗୋଷ୍ଠୀଙ୍କୁ ଅବଗତ କରାଇବା ଉଦ୍ଦେଶ୍ୟରେ ଏହା ଆୟୋଜିତ ହୋଇଛି। ବିଷମକଟକ ଶିଳ୍ପ ବିକାଶ କେନ୍ଦ୍ର ଅଧ୍ୟକ୍ଷ କେ. ହେମ୍ବ୍ରମ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି ସରକାରୀ ଯୋଜନାରେ ଯୁବ ଗୋଷ୍ଠୀ ନିଜ ନିଜର ରୁଚି ଅନୁସାରେ ଦକ୍ଷତା ବୃଦ୍ଧି ଘଟାଇବା ଏବଂ ଜୀବିକା ନିର୍ବାହ କ୍ଷେତ୍ରରେ ସ୍ୱାବଲମ୍ବୀ ହେବାକୁ ପରାମର୍ଶ ଦେଇଥିଲେ। ଜିଲା ଯୁବ ସଂଯୋଜକ ଜେ. ଯୋଶୀଙ୍କ ସଂଯୋଜିତ ଉକ୍ତ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଦସ୍ୟ ରାମଚନ୍ଦ୍ର ବେହେରା, ଅବୈତନିକ ଜିଲା ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଗୌରାଙ୍ଗ ଚରଣ ରାଉତ, ଶିଶୁ ଓ ମହିଳା ଅଧିକାର କର୍ମୀ ରମେଶ ଚନ୍ଦ୍ର ଶର୍ମା, କମନ୍ ସର୍ଭିସ୍ ସେଣ୍ଟର ସଞ୍ଚାଳକ ସୁବାସ ଚନ୍ଦ୍ର ରତ୍ନାଲୁ ପ୍ରମୁଖ ଏନେଇ ଆଲୋଚନା କରିଥିଲେ । ଯୁବକେନ୍ଦ୍ର ସଙ୍ଗଠନ ପ୍ରତିନିଧି ଲକ୍ଷ୍ମୀ ନାରାୟଣ ସ୍ୱାଗତ ସମ୍ବର୍ଦ୍ଧନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂଯୋଜକ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଜାତୀୟ ଯୁବ ସ୍ୱେଚ୍ଛାସେବୀ ଡାନିଏଲ୍ ଟାକ୍ରି, ହେମନ୍ତ କୁଲେସିକା, ମିନତୀ ତୁଇକା ପରିଚାଳନାରେ ସହଯୋଗ କରିଥିଲେ। ଶିବିରରେ ଗ୍ରାମାଞ୍ଚଳର ୟୁଥ୍ କ୍ଲବର ଶତାଧିକ ପ୍ରତିନିଧି ଅଂଶଗ୍ରହଣ କରିଥିଲେ।

# କୃଷକ କ୍ଷେତ୍ର ଦିବସ ପାଳିତ




ବିଭାଗୀୟ ଅଧିକାରୀ ଓ ଅନ୍ୟମାନେ ସୂର୍ଯ୍ୟମୁଖୀ ଚାଷ ବୁଲି ଦେଖୁଛନ୍ତି।

**କୋଲନରା, ୧୫।୨ (ଡି.ଏନ୍.ଏ.)**

ରାୟଗଡ଼ା ଜିଲା କୋଲନରା ବ୍ଲକ୍ ଅନ୍ତର୍ଗତ କୋଲନରା ଗ୍ରାମ ପଞ୍ଚାୟତର ଘୋଡାବାଡି ଗ୍ରାମରେ ଜାତୀୟ ଖାଦ୍ୟ ନିରାପତ୍ତା ମିଶନ ଯୋଜନାରେ ମାଣ୍ଡିଆ ଫସଲ ପ୍ରଦର୍ଶନ କ୍ଷେତ୍ର ଅନ୍ତର୍ଗତ କୃଷକ କ୍ଷେତ୍ର ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କୋଲନରା ବ୍ଲକ କୃଷି ଅଧିକାରୀ ବୈକୁଣ୍ଠ ନାଥ ବେହେରା, କୋଲନରା ସହକାରୀ କୃଷି ଅଧିକାରୀ ସୁରଭି ମହାପାତ୍ର, ଥେରୁବାଲି ସହକାରୀ କୃଷି ଅଧିକାରୀ ରବି ନାରାୟଣ ମେହେର, କୋଲନରା କୃଷି ଅଧିଦର୍ଶକ ରାଜେନ୍ଦ୍ର କୁମାର ସାହୁ, ଆତ୍ମାର ବିଟିଏମ୍ ଅର୍ଚ୍ଚନା ଭିଡ଼ିକର ତଥା ବ୍ଲକ ସ୍ତରୀୟ ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ । ଏଠାରେ ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ ଚାଷୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହାପରେ ସମସ୍ତ ଅଧିକାରୀ ଓ ବ୍ଲକ ଆତ୍ମା ଜରିଆରେ ଘୋଡାବାଡି ଗାଁରେ ଚାଷ ହୋଇଥିବା ୧୫ ଏକର (ଶଙ୍କର ଜାତୀୟ) ସୂର୍ଯ୍ୟମୁଖୀ ଚାଷ ବୁଲି ଦେଖିଥିଲେ।

## ଚାଙ୍ଗୁଡ଼ାଗୁଡ଼ାରେ ସମନ୍ୱୟ ମେଳା

**ବିଷମ କଟକ, ୧୫।୨(ଡ଼ି.ଏନ.ଏ)**

ରାୟଗଡା ଜିଲା ବିଷମକଟକ ବ୍ଲକ ଅନ୍ତର୍ଗତ ଚାଙ୍ଗୁଡାଗୁଡା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଶାଖା ବିଷମ କଟକ ଏବଂ ଚାଟିକୋଣା ମିଳିତ ଆନୁକୂଲ୍ୟରେ ଏକ ସମନ୍ୱୟ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ବଲାଙ୍ଗିରର ମୁଖ୍ୟ ଶାଖା ପ୍ରବନ୍ଧକ ମନମୋହନ ସାହୁ, ରିଜଓନାଲ୍ ମ୍ୟାନେଜର ପ୍ରତାପ କୁମାର ମହାପାତ୍ର, ଆଡଭାନ୍‌ସ୍ ମ୍ୟାନେଜର ଚିତ୍ତରଞ୍ଜନ ଦେହୁରି ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଲବର୍ଟ ଲାକଡା ଅତିଥି ରୂପେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ବ୍ଲକରେ ରହିଥିବା ବହୁ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଉପସ୍ଥିତ ଥିଲେ । ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ବ୍ୟବସାୟ କରିବା ନିମନ୍ତେ ଆର୍ଥିକ କ୍ଷେତ୍ରରେ ବ୍ୟାଙ୍କ କିପରି ସହାୟକ ହେଉଛି ସେନେଇ ଅତିଥିମାନେ ମତ ରଖିଥିଲେ। ବ୍ୟାଙ୍କ ତରଫରୁ ୮୦ ଟି ନୂତନ ସ୍ୱୟଂସହାୟକ ଗୋଷ୍ଠୀକୁ ଋଣ ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଓଡିଶା ଜୀବିକା ମିଶନ ଏବଂ ମିଶନ ଶକ୍ତି ର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଏହା ବିଷମକଟକ ଶାଖା ପରିଚାଳକ ସୀମାଞ୍ଚଳ ଆଚାର୍ଯ୍ୟ ଏବଂ ଚାଟିକୋଣା ଶାଖା ପରିଚାଳକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା।



ପୂର୍ବତନ ଉପଜିଲାପାଳଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

## ଗୁଣପୁର ପୂର୍ବତନ ଉପଜିଲାପାଳଙ୍କୁ ସମ୍ବର୍ଦ୍ଧନା

**ଗୁଣପୁର,୧୫।୨(ଡ଼ି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ନାଗରିକ କମିଟି ପକ୍ଷରୁ କେନ୍ଦ୍ର କୃଷି ବିଭାଗର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଗୁଣପୁରର ପୂର୍ବତନ ଉପଜିଲାପାଳ ଅଶୋକ ଏମ. ଆର୍. ଦଲୱାଇଙ୍କୁ ଶନିବାର ସମ୍ବର୍ଦ୍ଧିତ କରାଯାଇଛି । ବିଜୁ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗୁଣପୁର ଉପଜିଲାପାଳ ଡଃ. ସିଦ୍ଧେଶ୍ୱର ବଳିରାମ ବନ୍ଦର, ବରିଷ୍ଠ ନାଗରିକ କୃଷ୍ଣ ପ୍ରସାଦ ବେବର୍ତ୍ତା, ତ୍ରିନାଥ ମହାପାତ୍ର, ପ୍ରେସ କ୍ଲବ ସଭାପତି ଦେବେନ୍ଦ୍ର ଚୌଧୁରୀ, ଓକିଲ ସଂଘ ସଭାପତି ଫଣିଭୂଷଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ପୂର୍ବତନ ଉପଜିଲାପାଳଙ୍କୁ ମାନପତ୍ର ଏବଂ ଉପଢୌକନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ଏଥିରେ ପୂର୍ବତନ ବିଧାୟକ ରାମମୂର୍ତ୍ତି ଗମାଙ୍ଗ, ପୂର୍ବତନ ଜିଲା ପରିଷଦ ସଭାପତି ବିଜୟ ଗମାଙ୍ଗ, ରାଜୁ ସାହୁ, ବ୍ରହ୍ମାନନ୍ଦ ପଟ୍ଟନାୟକ, ଶାନ୍ତି ଦାସ, କୈଳାସ ଦାଶ, ଅକ୍ଷୟ ଦାସ, ଗୌରୀ ତ୍ରିପାଠୀ, ସାରଥି ପଣ୍ଡା,କେ.ଶ୍ରୀନିବାସ ରାଓ ପ୍ରମୁଖ ଉପସ୍ଥିତ ଥିଲେ ।

# ବେକାରି ସମସ୍ୟା ଦୂର ନେଇ ଆଲୋଚନା

## ଅଖିଳ ଭାରତୀୟ ଯୁବ କଂଗ୍ରେସର ସମାବେଶ




ସମାବେଶରେ ଯୋଗଦେଇଥିବା କଂଗ୍ରେସ କର୍ମୀମାନେ।

**ମୁନିଗୁଡା/ବିଷମକଟକ, ୧୫।୨(ଡ଼ି.ଏନ.ଏ)**

ଅଖିଳ ଭାରତୀୟ ଯୁବ କଂଗ୍ରେସ ତରଫରୁ ରାୟଗଡା ଜିଲା ବିଷମକଟକ ବ୍ଲକ ହାଟମୁନିଗୁଡାଠାରେ ଏକ ଯୁବ ଅଧିକାର ସମାବେଶ ଶନିବାର ଅନୁଷ୍ଠିତ ହୋଇଯାଇଛି । ସାରା ଭାରତରେ ଦିନକୁ ଦିନ ବେକାରି ସମସ୍ୟା ବୃଦ୍ଧି ପାଉଛି । ଏହାର ସମାଧାନ ନେଇ ଏହି ସମାବେଶ ଆୟୋଜିତ ହୋଇଛି। ଏଥିରେ କୋରାପୁଟ ଲୋକ ସଭା ଯୁବ ସଭାପତି ଭବାନୀ ଶଙ୍କର ଜେନା ଓ ବିଷମକଟକ ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ସିପୁନ ଶତପଥୀ ସଭାପତିତ୍ୱ କରିଥିଲେ । ଏହି ସମାବେଶରେ ଓଡିଶା ଯୁବ ପ୍ରଭାରୀ କୁମାରୀ ପ୍ରତିଭା ରଘୁବଂଶୀ, ପ୍ରଦେଶ ଯୁବ କଂଗ୍ରେସ ସଭାପତି ଲୋକନାଥ ମହାରଥୀ, କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକା ପ୍ରମୁଖ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ଦେଶରେ ଦିନକୁ ଦିନ ବେକାରି ସମସ୍ୟା ବୃଦ୍ଧି ପାଉଥିବା ବେଳେ କେନ୍ଦ୍ର ଏହାକୁ ଗୁରୁତ୍ୱ ଦେଉନି। କିନ୍ତୁ ଏନ୍‌ଆରସି ଓ ସିଏଏକୁ ଲାଗୁ କରିବାରେ ତତ୍ପରତା ଦେଖାଉଛି । ନିର୍ବାଚନ ପୂର୍ବରୁ ପ୍ରତି ବର୍ଷ ଦୁଇ କୋଟି ବେକାରିଙ୍କୁ ନିଯୁକ୍ତି ଦିଆଯିବ ବୋଲି ମୋଦି ସରକାର ପ୍ରତିଶୃତି ଦେଇଥିଲେ । ହେଲେ ସରକାରଙ୍କ ଏହି ପ୍ରତିଶ୍ରୁତି ଗଲା କୁଆଡେ ବୋଲି ପ୍ରଶ୍ନ କରିଛନ୍ତି । ସେହିପରି ରାଜ୍ୟ ସରକାର ମଧ ବେକାରିଙ୍କୁ ନିଯୁକ୍ତି ଦିଆଯିବ କହି ଏବେ କାହିଁକି ଚୁପ ବସିଛନ୍ତି ବୋଲି କହିଛନ୍ତି । ଏଥିସହ ପ୍ରତ୍ୟକ ବର୍ଷ ରାଜ୍ୟ ବାହାରକୁ ହଜାର ହଜାର ସଂଖ୍ୟାରେ ଲୋକ ଦାଦନ ଖଟିବାକୁ ଯାଉଥିବା ନେଇ ଦୁଃଖ ପ୍ରକାଶ କରିଥିଲେ । ଅଖିଳ ଭାରତୀୟ ଯୁବ କଂଗ୍ରେସ ତରଫରୁ ବହୁ କମ ଦିନ ଭିତରେ ଏନ୍‌ଆରୟୁ ମାଧ୍ୟମରେ ସାରା ଭାରତରେ ଏକ ଟୋଲ ଫ୍ରି ନମ୍ବର ଜାରି କରାଯାଇଛି । ଏଥିରେ ବେକାରିଙ୍କ ପଞ୍ଜୀକରଣ ଚାଲିଛି । ଯଦି ସରକାର ବେକାରିମାନଙ୍କୁ ନିଯୁକ୍ତି ନ ଦିଅନ୍ତି ତାହାହେଲେ ସମସ୍ତ ବେକାରୀଙ୍କୁ ଷ୍ଟାଇପେଣ୍ଡ ଦେବାକୁ ଦାବି କରିଛନ୍ତି । ଏହାକୁ ନେଇ ଆସନ୍ତା ୧୮ ତାରିଖରେ ଭୁବନେଶ୍ୱରରେ ଏକ ରାଜ୍ୟସ୍ତରୀୟ ବିଶାଳ ସମାବେଶ କରାଯିବ ବୋଲି ସୂଚନା ଦେଇଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ ସଭାପତି ଚନ୍ଦ୍ରଶେଖର ବେହେରା, ଶ୍ରୀପତି ଉଲ୍ଲାକା, ଉମ୍ବରୁଧର ଶତପଥୀ,ନୀଳମାଧବ ହିକକା, କେଶବ ସାହୁକାର, ଆପଲସ୍ୱାମୀ କାଡ୍ରାକା, ରଘୁନାଥ ପାତ୍ର ପ୍ରମୁଖଙ୍କ ସମେତ ଅନ୍ୟ କଂଗ୍ରେସ କର୍ମୀମାନେ ପରିଚାଳନା ଓ ସହଯୋଗ କରିଥିଲେ । ଏହି ଅବସରରେ ଅଞ୍ଚଳର ବରିଷ୍ଠ ଓ ଯୁବ କଂଗ୍ରେସ ନେତା ମାନଙ୍କୁ ଦଳ ତରଫରୁ ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା ।

